# NATIONAL NEWS BULLETIN (ODIA)
## 11th October - 2026
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ସୃଷ୍ଟି ହେଉଥିବା ନୂତନ ଆହ୍ୱାନର ମୁକାବିଲାପାଇଁ ଭାରତର ଯୁବବର୍ଗଙ୍କ ନିକଟରେ ଦକ୍ଷତା ରହିଛି; କହିଲେ ପ୍ରଧାନମନ୍ତ୍ରୀ ।

— ଚେନ୍ନାଇରେ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସାମୁଦ୍ରିକ ନୌଅଭ୍ୟାସ କୋଙ୍କଣପାଇଁ ବ୍ରିଟେନ୍ ପହଞ୍ଚିଲା ଭାରତୀୟ ଜାହାଜ ଆଇ.ଏନ୍.ଏସ୍. ତ୍ରିଶୂଳ ।

- ପୂର୍ବ ଆଫ୍ରିକାରେ ଡଙ୍ଗାବୁଡ଼ି ୧୫ ଶିଶୁଙ୍କ ସମେତ ୧୦୯ ଜଣ ମୃତ ।

ଏବଂ

- ଆନ୍ତର୍ଜାତିକ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାରତର ଉଦୟବୀର ସିଦ୍ଧୁଙ୍କୁ ସ୍ୱର୍ଣ୍ଣପଦକ ।

# ପି.ଏମ୍. - ଚେନ୍ନାଇ ଭିଜିଟ୍

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସୃଷ୍ଟି ହୋଇଥିବା ଆହ୍ୱାନର ମୁକାବିଲା ଲାଗି ଭାରତର ଯୁବବର୍ଗଙ୍କ ନିକଟରେ ପ୍ରତିଭା ଏବଂ ଦକ୍ଷତା ରହିଛି । ସମଗ୍ର ବିଶ୍ୱ ଭାରତର ଯୁବବର୍ଗଙ୍କ ପ୍ରତି ସମସ୍ୟାର ସମାଧାନପାଇଁ ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରିଛି । ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ଲାଗି ଯୁବବର୍ଗ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଏଥିନିମନ୍ତେ ଭାରତ' ଯୁବବର୍ଗଙ୍କୁ ବ୍ୟାପକ ସୁଯୋଗ ପ୍ରଦାନ କରିଛି ଏବଂ ରାଷ୍ଟ୍ରର ବିକାଶ ନିମନ୍ତେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବା ଲାଗି ଆହ୍ୱାନ ଦେଇଛି ।

ଯୁବବର୍ଗଙ୍କଦ୍ୱାରା ବିକଶିତ ସମାଧାନର ପନ୍ଥା ଏବଂ ନବସୃଜନମୂଳକ ଚିନ୍ତାଧାରା କେବଳ ଭାରତର ଭବିଷ୍ୟତ ଗଠନ କରିବ ତାହା ନୁହେଁ; ବରଂ ବିଶ୍ୱର ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଚେନ୍ନାଇଠାରେ ଜୟଗୋପାଳ ଗାରୋଡ଼ିଆ ହିନ୍ଦୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଆଜି ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

***Voice (PM - School)*** :.........

ଭାରତର ନିର୍ମାଣକାରୀ ଅଭିବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦି କହିଛନ୍ତି, ଏହି କ୍ଷେତ୍ରକୁ ବ୍ୟାପକ କରାଯିବାଦ୍ୱାରା ଯୁବବର୍ଗଙ୍କପାଇଁ

ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଭାରତର ପ୍ରତିରକ୍ଷା ରପ୍ତାନୀ ପରିମାଣ ୫୦ ଗୁଣ ବୃଦ୍ଧି ପାଇଛି । ସେହିପରି ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନୀ ପରିମାଣ ନୂତନ ରେକର୍ଡ଼ ସୃଷ୍ଟି କରିପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ' ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ନିର୍ମାଣକାରୀ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି । ୨୦୧୪ ମସିହା ପରଠାରୁ ଭାରତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ ପରିମାଣ ୧୧ ଗୁଣ ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଚେନ୍ନାଇସ୍ଥିତ ଆଇ.ଆଇ.ଟି. ମାଡ୍ରାସ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାମିଲନାଡୁରେ ୧୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ପ୍ରକଳ୍ପ ମଧ୍ୟରେ ସଡ଼କ ଏବଂ ରେଳ ପରିବହନ, ବନ୍ଦର ଭିତ୍ତିଭୂମି, ପେଟ୍ରୋଲିୟମ୍ ଏବଂ ବିଜ୍ଞାନ ଗବେଷଣା ପ୍ରକଳ୍ପ ଆଦି ରହିଛି । ତାମିଲ୍‌ନାଡୁ ମୁଖ୍ୟମନ୍ତ୍ର ସି. ଯୋଶେଫ୍ ବିଜୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ୩ ହଜାର ୭ ଶହ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ ପ୍ରକଳ୍ପ, ଚେନ୍ନାଇ ବନ୍ଦର, କାମାରାଜର ବନ୍ଦର, ଭି.ଓ. ଚିଦାମ୍ବରନାର ବନ୍ଦର ଏବଂ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳଷ୍ଟେସନଗୁଡ଼ିକର ବିକାଶ କରାଯିବ ।

କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପଦ୍ୱାରା ଯୋଗାଯୋଗ, ଶିଳ୍ପ ଓ ବାଣିଜ୍ୟର ସୁଦୃଢ଼ୀକରଣ, ଯୁବବର୍ଗଙ୍କପାଇଁ ନିଯୁକ୍ତି

ସୁଯୋଗ ସୃଷ୍ଟି କରାଯାଇପାରିବ । ପ୍ରକଳ୍ପଦ୍ୱାରା ଦୈନିକ ଯାତ୍ରା ସହଜ ହେବା ସହିତ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ।

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି ଏବଂ ଜ. ଜୟଲଳିତାଙ୍କ ସହିତ ପୂର୍ବରୁ ହୋଇଥିବା କଥାବାର୍ତ୍ତାକୁ ମନେପକାଇ ଶ୍ରୀ ମୋଦି କହିଛନ୍ତି, ସରକାରରେ ପରିବର୍ତ୍ତନ ସତ୍ତ୍ୱେ ତାମିଲନାଡୁର ବିକାଶ ଏବଂ ତାମିଲବାସୀଙ୍କ କଲ୍ୟାଣପାଇଁ ସରକାରଙ୍କ ପ୍ରତିବଦ୍ଧତା ଅପରିବର୍ତ୍ତିତ ରହିଛି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟଙ୍କ ସହଯୋଗକ୍ରମେ ସେଠାରେ ବିକାଶଯାତ୍ରା ଜାରି ରହିବ ।

ପ୍ରଧାନମନ୍ତ୍ରୀ’ ତାମିଲବାସୀଙ୍କୁ ନବରାତ୍ରିର ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ମୋଦି ଆଇ.ଆଇ.ଟି. ମାଡ୍ରାସଠାରେ ସୁଧା ଗୋପାଳକ୍ରିଷ୍ଣନ୍ ବ୍ରେନ୍ ସେଣ୍ଟରକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଏହି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଊର୍ଦ୍ଧ୍ୱ ମାନବ ମସ୍ତିଷ୍କକୁ ବିଜ୍ଞାନଗତ ମ୍ୟାପିଂ କରାଯିବାର ବ୍ୟବସ୍ଥା ରହିଛି । ସେଠାରେ ଭ୍ରୂଣରୁ ବୃଦ୍ଧ ସ୍ତର ପର୍ଯ୍ୟନ୍ତ ସମୁଦାୟ ମଣିଷର ଜୀବନକାଳ ଉପରେ ଗବେଷଣା କରାଯିବ ।

ପୂର୍ବରୁ ପ୍ରଧାନମନ୍ତ୍ରୀ ୪ ହଜାର ୯ ଶହ କୋଟି ଟଙ୍କା ବ୍ୟୟରେ ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ପୁନ୍ନାମାଲ୍ଲୀ-ଭାଦାପାଲାନି ଉଦ୍‌ଘାଟନ କରିଥିଲେ । ଶ୍ରୀ ମୋଦି ଏବଂ ତାମିଲନାଡୁ ମୁଖ୍ୟମନ୍ତ୍ରୀ ମିଳିତ ଭାବେ ନୂତନ ମେଟ୍ରୋ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଟ୍ରେନ୍‌ରେ ଯାତ୍ରା କରିଥିଲେ ।

# ସେବା ସଂକଳ୍ପ - ଡିକୋଲୋନାଇଜେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଉପନିବେଶବାଦ ମାନସିକତାରୁ ମୁକ୍ତି ନିମନ୍ତେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ଆଧୁନିକ ଭାରତର ଇତିହାସ ଦୀର୍ଘ ୨ ଶହ ବର୍ଷ ଧରି ବ୍ରିଟିଶ୍ ଉପନିବେଶବାଦ ଏବଂ ସ୍ୱାଧୀନତା ପରେ ଦଶନ୍ଧି ସହ ସମ୍ପୃକ୍ତ । ଗତ କିଛିବର୍ଷ ଧରି ସରକାର' ଉପନିବେଶବାଦରୁ ମୁକ୍ତ ହେବା ଲାଗି ପ୍ରୟାସ ଜାରି ରଖିଛି । ୨୦୨୨ ମସିହାରେ ୭୬ତମ ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲ୍ଲାରେ ଜାତି ଉଦ୍ଦେଶ୍ୟରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଆଗାମୀ ୨୫ ବର୍ଷ ନିମନ୍ତେ ୫ଟି ପ୍ରତିଜ୍ଞା, ପଞ୍ଚପ୍ରାଣ ପାଇଁ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ ନାଗରିକ ତାଙ୍କ ଅନ୍ତଃକରଣରୁ ଉପନିବେଶବାଦ ମନୋଭାବକୁ ବହିଷ୍କାର କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM-Colinisation) :........***

ଦେଶକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ ନିମନ୍ତେ ଏବଂ ଉପନିବେଶବାଦ ଚିନ୍ତାଧାରାରୁ ମୁକ୍ତି ନିମନ୍ତେ ସରକାର ବିଭିନ୍ନ କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀରେ ଐତିହାସିକ ରାଜପଥର ନାମ କର୍ତ୍ତବ୍ୟ ପଥ ନାମରେ ନାମିତ କରାଯାଇଛି । ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ । ସେହିପରି କିଙ୍ଗ୍ ଜର୍ଜ ପଞ୍ଚମଙ୍କ ପ୍ରତିମୂର୍ତ୍ତି ବଦଳରେ ଇଣ୍ଡିଆ ଗେଟ୍ ନିକଟରେ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ସରକାର ରେଳ ବଜେଟ୍‌କୁ କେନ୍ଦ୍ର ବଜେଟ୍ ସହ ମିଶ୍ରଣ କରିଥିଲେ ।

ବି.ଜେ.ପି. ନେତା ରାମମାଧବ କହିଛନ୍ତି, ଭାରତର ସଂସ୍କୃତି ଏବଂ ସଭ୍ୟତାର ପରିଚୟର ରକ୍ଷା କରିବା ହେଉଛି ଆତ୍ମସମ୍ମାନର ପ୍ରତୀକ । ଉପନିବେଶବାଦ ମୁକ୍ତ ହେଉଛି ବାସ୍ତବ ଦେଶପ୍ରେମ ବୋଲି ସେ କହିଛନ୍ତି ।

## ଡିଫେନ୍ସ - ଆଇ.ଏନ୍.ଏସ୍. - ତ୍ରିଶୂଳ

ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସାମୁଦ୍ରିକ ନୌଭ୍ୟାସ କୋଙ୍କଣ-୨୬ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଲାଗି ଭାରତୀୟ ନୌଜାହାଜ ଆଇ.ଏନ୍.ଏସ୍. ତ୍ରିଶୂଳ’ ବ୍ରିଟେନ୍‌ର ପ୍ଲେମାଉଥ୍‌ଠାରେ ପହଞ୍ଚିଛି । ଏହି

ଅଭ୍ୟାସ କାର୍ଯ୍ୟକ୍ରମରେ ବ୍ରିଟେନ୍ ପକ୍ଷରୁ ରୟାଲ୍ ନୌସେନା ଯୋଗଦେବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଅଭ୍ୟାସ ଦୁଇଟି ପର୍ଯ୍ୟାୟରେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ । ଗତ ଦୁଇ ଦଶନ୍ଧି ଧରି କୋଙ୍କଣ ନୌଅଭ୍ୟାସ କାର୍ଯ୍ୟକ୍ରମରେ ଅନେକ ପରିବର୍ତ୍ତନ ଆସିଛି । ଏହାଦ୍ୱାରା ଦୁଇ ନୌସେନା ମଧ୍ୟରେ ପାରସ୍ପରିକ ସହଯୋଗ ଏବଂ ଆନ୍ତଃ କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ । ଭାରତ-ବ୍ରିଟେନ୍ ୨୦୩୫ରେ ବ୍ୟାପକ ରଣନୈତିକ ସହଭାଗିତାକୁ ଏହା ସୁଦୃଢ଼ କରିବ । ଏହି ଅଭ୍ୟାସଦ୍ୱାରା ଭାରତ-ବ୍ରିଟେନ୍ ମଧ୍ୟରେ ସୁରକ୍ଷିତ, ମୁକ୍ତ ଓ ଅବାଧ ସାମୁଦ୍ରିକ ପରିସ୍ଥିତି ସୃଷ୍ଟି ହୋଇପାରିବ ।

## ଇଷ୍ଟ ଆଫ୍ରିକା - ବୋଟ୍ କ୍ୟାପ୍‌ସାଇଜ୍

ପୂର୍ବ ଆଫ୍ରିକାର ଜିବୋଟି ଉପକୂଳରେ ଏକ ଡଙ୍ଗା ବୁଡ଼ି ଘଟଣାରେ ୧୫ ଜଣ ଶିଶୁଙ୍କ ସମେତ ୧୦୯ ଜଣଙ୍କର ମୃତ୍ୟୁ ଘଟିଥିବା ଆନ୍ତର୍ଜାତିକ ପ୍ରବାସନ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ୩୦୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଜାହାଜଟି ଜିବୋଟିରୁ ୟେମେନ୍ ଅଭିମୁଖେ ଯାତ୍ରା କରୁଥିଲା । ଗତ ରାତିରେ ହୋଇଥିବା ଏହି ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ୫୨ ଜଣ ପୁରୁଷ, ୪୨ ଜଣ ମହିଳା ଏବଂ ୧୫ ଜଣ ଶିଶୁ ଥିବା ଜଣାପଡ଼ିଛି । ୧୧୬ ଜଣ ଏପର୍ଯ୍ୟନ୍ତ ନିଖୋଜ ଥିବା ସୂଚନା ମିଳିଛି ।

## ନେପାଳ - ଫ୍ଲଡ୍ ଫ୍ଲାଶ୍

ନେପାଳର ବୁଢ଼ୀ ଗଣ୍ଡକୀ ନଦୀରେ ପୁଣି ବନ୍ୟା ଆସିଛି । ବନ୍ୟାରେ କେତେକ ବାସଗୃହ ଓ ପୋଲ ଭାସିଯିବା ସହ ଗୋରଖ ଜିଲ୍ଲାର ଜଳ ବିଦ୍ୟୁତ୍ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ପରେ ପ୍ରାୟ ୫୦ ଜଣ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି । ଭୋର୍ ପ୍ରାୟ ୪ଟା ସମୟରେ ବନ୍ୟା ଆସିଥିଲା । ଏବେ ସୁଦ୍ଧା ପ୍ରାୟ ୧୦ ଜଣ ଲୋକ ନିଖୋଜ ଥିବା ଜଣାପଡ଼ିଛି । ନେପାଳ ସେନା କର୍ମଚାରୀ ଏବଂ ଅନ୍ୟ ନିରାପତ୍ତା ସଂସ୍ଥା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ନ୍ୟାକ୍‌ଚେତ୍ ଏବଂ ଫିଲିମ୍ ବାଜାରକୁ ସଂଯୋଗ କରୁଥିବା ଏକ ପୋଲ ମଧ୍ୟ ବନ୍ୟାରେ ଭାସିଯାଇଥିବା ସୂଚନା ମିଳିଛି । ସାଲେରୀଠାରେ ନିର୍ମାଣାଧୀନ ୩୪୧ ମେଗାୱାଟ୍ ବୁଢ଼ୀ ଗଣ୍ଡକୀ ଜଳବିଦ୍ୟୁତ୍ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି ।

## ଶୁଟିଂ - ଆଇ.ଏସ୍.ଏସ୍.ଏଫ୍.

ଇଜିପ୍ଟର କାଇରୋଠାରେ ଚାଲିଥିବା ଆନ୍ତର୍ଜାତିକ ବନ୍ଧୁକ ଚାଳନା କ୍ରୀଡ଼ା ସଂଘ ବିଶ୍ୱକପ୍ ରାଇଫଲ୍ ଓ ପିସ୍ତଲ ପ୍ରତିଯୋଗିତାର ପୁରୁଷ ୧୦ ମିଟରର

ଏୟାର ପିସ୍ତଲରେ ଭାରତର ଉଦୟବୀର ସିଦ୍ଧୁ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି । ୨୪ ବର୍ଷୀୟ ବନ୍ଧୁକ୍‌ଚାଳକ ସିଦ୍ଧୁ ଜର୍ମାନୀର ପ୍ରତିଯୋଗୀ ଖ୍ରୀଷ୍ଟିୟାନ୍ ରେଜ୍‌ଙ୍କୁ ଜିରୋ ପଏଣ୍ଟ ଫାଇଭ୍ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି ।

## କ୍ରିକେଟ୍

ଇନ୍ଦୋରର ହୋଲକର ଷ୍ଟାଡିୟମ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଜାରି ରହିଛି । ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ୬ ୱିକେଟ୍‌ରେ ପରାସ୍ତ କରିଥିବାବେଳେ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ବିଜୟୀ ହୋଇଥିଲା ।

*****